රාජෙଶ

ବନାମ

ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟଜଣେ

(ସ୍ଥାନାନ୍ତରଣ ଆବେଦନ (Crl.) ସଂଖ୍ୟା 71/2007)

ଜାନୁଆରୀ 23, 2009

**[ଡକ୍ଟର ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ବୈବାହିକ ବିବାଦ - ସ୍ଥାନାନ୍ତର ଆବେଦନ - ଚିତ୍ତୋରଗଡ଼ରୁ ହିସାରକୁ ଫୌଜଦାରୀ ମାମଲାର ସ୍ଥାନାନ୍ତର - ନିର୍ଣ୍ଣୟ କରାଗଲା : ଲୋକ ଅଦାଲତରେ ମାମଲା ସମାଧାନ ହେଲା - ସମାଧାନର ସର୍ତ୍ତାବଳୀ ଥିବା ମିଳିତ ଆବେଦନ ଦାଖଲ କରାଯାଇଛି - ତଦନୁସାରେ ଛାଡପତ୍ର ମାମଲା, ଅପରାଧିକ ମାମଲାଗୁଡିକ ଧାରା 125 Cr.P.C. ଏବଂ 498A ଅନୁଯାୟୀ ପ୍ରତ୍ୟାହାର/ସମାଧାନ କରାଯିବ - ବୁଝାମଣା ଆଧାରରେ ସ୍ଥାନାନ୍ତର ଆବେଦନର ସମାଧାନ କରାଯାଇଛି ।*

ଫୌଜଦାରୀ ମୂଳ କ୍ଷେତ୍ରାଧିକାରିତା : ସ୍ଥାନାନ୍ତର ଆବେଦନ (ସିଆରଏଲ) ସଂଖ୍ୟା 71/2007 ।

ଆବେଦନକାରୀଙ୍କ ପାଇଁ ଡ. ଜେ.ଏନ୍. ଦୁବେ, ଅନୁରାଗ ଦୁବେ, ଅନୁ ସାହନୀ, ମୀନେଶ ଦୁବେ, ଏସ୍.କେ. ଦିବାକର, ଡି.ପି. ପାଣ୍ଡେ ଏବଂ ଏସ୍.ଆର୍. ସେଟିଆ ।

ଉତ୍ତରଦାତାମାନଙ୍କ ପାଇଁ ପ୍ରବୀଣ କୁମାର, ମନୀଷ କୁମାର, ଆନସାର ଅହମ୍ମଦ ଚୌଧୁରୀ, ସତ୍ୟ ପ୍ରକାଶ ଏବଂ ପ୍ରୋମିଲା ମାଟ୍ଟା ।

**ନ୍ୟାୟମୂର୍ତ୍ତି, ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1. ଆବେଦନକାରୀ ତା 7.12.2005 ରିଖର ଫୌଜଦାରୀ ମାମଲା ଏଫଆଇଆର ସଂଖ୍ୟା 352 କୁ ଧାରା 406, 498A ସହିତ ପଢାଯାଇଥିବା ଧାରା 34 ଯାହା ଚିତ୍ତୋରଗଡ଼ର ପ୍ରଥମ ଶ୍ରେଣୀର ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ନ୍ୟାୟାଳୟରେ ବିଚାରାଧୀନ ଥିବା 'ସଙ୍ଗୀତା ବନାମ ରାଜେଶ' ଶୀର୍ଷକ ମାମଲାକୁ ହିସାରର ଏକ ସକ୍ଷମ କ୍ଷେତ୍ରାଧିକାରିତା ନ୍ୟାୟାଳୟକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛନ୍ତି ।

2. ଏହି ସ୍ଥାନାନ୍ତର ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଲୋକ ଅଦାଲତରେ ତା 6.12.2008 ରିଖରେ ଉପସ୍ଥାପନ କରାଯାଇଥିଲା । ପକ୍ଷ ଏବଂ ସେମାନଙ୍କର ଓକିଲମାନେ ଉପସ୍ଥିତ ହୋଇଥିଲେ ଏବଂ ଏକ ମିଳିତ ଆବେଦନ ଦଖଲ କରିଥିଲେ ଯେଉଁଥିରେ ଦର୍ଶାଯାଇଥିଲା ଯେ ନ୍ୟାୟ ମିତ୍ର ଭାବରେ କାର୍ଯ୍ୟ କରିଥିବା ମଧ୍ୟସ୍ଥିଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସେମାନଙ୍କର ବିବାଦ ସମାଧାନ ହୋଇଛି ।

3. ସମାଧାନର ସର୍ତ୍ତାବଳୀ ନିମ୍ନରେ ଦିଆଗଲା :

# ରାଜେଶ ବନାମ ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ
# [ନ୍ୟାୟମୂର୍ତ୍ତି, ଡ. ଅରିଜିତ ପଶାୟତ୍]

A. ଉଭୟ ପକ୍ଷଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି ଯେ ଶ୍ରୀ ରାଜେଶ 30 ଜୁନ୍, 2009 ରେ କିମ୍ବା ତା ପୂର୍ବରୁ ଶ୍ରୀମତୀ ସଙ୍ଗୀତାକୁ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବେ ।

B. ଏହା ମଧ୍ୟ ସହମତି ପ୍ରକାଶ ପାଇଛି ଯେ ଏକ ପୃଥକ ତାଲିକାରେ ପକ୍ଷମାନଙ୍କ ଦ୍ୱାରା ସହମତ ହୋଇଥିବା ସାମଗ୍ରୀଗୁଡ଼ିକୁ ଶ୍ରୀ ରାଜେଶଙ୍କ ଦ୍ୱାରା ଚିତୌରଗଡ଼ରେ ଶ୍ରୀମତୀ ସଙ୍ଗୀତାଙ୍କ ଘରକୁ ପଠାଯିବ ।

C. ଏହା ମଧ୍ୟ ସହମତି ପ୍ରକାଶ ପାଇଛି ଯେ ଶ୍ରୀମତୀ ସଙ୍ଗୀତାଙ୍କ ପାଖରେ ଥିବା ଲକି ନାମକ ନାବାଳକ ଶିଶୁର ତତ୍ତ୍ୱାବଧାନ ତାଙ୍କ ପାଖରେ ରହିବ ଏବଂ ଶ୍ରୀ ରାଜେଶ ଶ୍ରୀମତୀ ସଙ୍ଗୀତାଙ୍କ ଠାରୁ କିମ୍ବା ତାଙ୍କ ପରିବାରଠାରୁ ଶିଶୁର ତତ୍ତ୍ୱାବଧାନ ସମ୍ପର୍କରେ କୌଣସି ଦାବି କରିବେ ନାହିଁ ।

D. ଏହା ସହମତି ପ୍ରକାଶ ପାଇଛି ଯେ ଉଭୟ ପକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ମାମଲା :-

(i) ଚିତ୍ତୋରଗଡ଼ରେ ରାଜେଶଙ୍କ ବିରୁଦ୍ଧରେ ଦଣ୍ଡ ପ୍ରକ୍ରିୟା ସଂହିତା, 1973 (ସଂକ୍ଷେପରେ 'ସଂହିତା') ର ଧାରା 498 (A) ଅନୁଯାୟୀ ଶ୍ରୀମତୀ ସଙ୍ଗୀତାଙ୍କ ଦ୍ୱାରା ଦାୟର ଫୌଜଦାରୀ ମାମଲା ;

(ii) ଚିତ୍ତୋରଗଡ଼ରେ ଶ୍ରୀ ରାଜେଶଙ୍କ ବିରୁଦ୍ଧରେ ସଂହିତାର ଧାରା 125 ଅନୁଯାୟୀ ଦାଖଲ କରାଯାଇଥିବା ଫୌଜଦାରୀ ମାମଲା ;

(iii) ଚିତ୍ତୋରଗଡ଼ର ପାରିବାରିକ ନ୍ୟାୟାଳୟରେ ବିଚାରାଧୀନ ଥିବା ଶ୍ରୀମତୀ ସଙ୍ଗୀତାଙ୍କ ବିରୁଦ୍ଧରେ ଶ୍ରୀ ରାଜେଶଙ୍କ ଦ୍ୱାରା ଦାଖଲ ଛାଡପତ୍ର ମଞ୍ଜୁର ପାଇଁ ହିନ୍ଦୁ ବିବାହ ଅଧିନିୟମର ଧାରା 13 ଅନୁଯାୟୀ ଆବେଦନ ;

(iv) ଶ୍ରୀ ରାଜେଶଙ୍କ ଦ୍ୱାରା ଦାଖଲ କରାଯାଇଥିବା ବର୍ତ୍ତମାନର ସ୍ଥାନାନ୍ତର ଆବେଦନ ସଂଖ୍ୟା 71/2007 ଏହି ନ୍ୟାୟାଳୟରେ ବିଚାରାଧୀନ ଅଛି ।

ପ୍ରତ୍ୟାହାର/ସମାଧାନ କରାଯିବ ।

ଏହା ମଧ୍ୟ ସହମତି ପ୍ରକାଶ ପାଇଛି ଯେ ଏହି ବୁଝାମଣା ଆଧାରରେ ଛାଡ଼ପତ୍ର ପାଇଁ ଡିକ୍ରି ପାରିତ କରାଯାଇପାରେ । ଏହା ପରଠୁ ପରସ୍ପର ବିରୋଧରେ କିମ୍ବା ନାବାଳକ ଶିଶୁ ଲକିଙ୍କ ସମ୍ବନ୍ଧରେ ଆଉ କୌଣସି ପ୍ରକାରର ଦାବି ଉଠାଯିବ ନାହିଁ ।

4. ଏହା ଉଲ୍ଲେଖ କରିବା ହୃଦୟସ୍ପର୍ଶୀ ଯେ ପକ୍ଷମାନେ ସେମାନଙ୍କ ବିବାଦକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ କରିଛନ୍ତି ଏବଂ ଉପରୋକ୍ତ ସର୍ତ୍ତାବଳୀ ପ୍ରତି ସହମତ ହୋଇଛନ୍ତି । ବୁଝାମଣା ଆଧାରରେ ସ୍ଥାନାନ୍ତର

ଆବେଦନର ସମାଧାନ କରାଗଲା । ସମାଧାନର ସର୍ତ୍ତାବଳୀକୁ ଅନ୍ତର୍ଭୁକ୍ତ କରୁଥିବା ଆବେଦନ ନଥିର ଏକ ଅଂଶ ହେବ ।

ଜି.ଏନ୍.                                                                                    ଆବେଦନଟିର ସମାଧାନ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।